# 'ପେଥାଇ' ପ୍ରଭାବିତ ଚାଷୀମାନଙ୍କୁ ଯୁଦ୍ଧକାଳୀନ ଭିତିରେ କ୍ଷତିପୂରଣ ପ୍ରଦାନ କରନ୍ତୁ ରାଜ୍ୟ ସରକାର : ବିଜେପି

- **ପିତେଇ ତ ଏକ ପ୍ରାକୃତିକ ବିପର୍ଯ୍ୟୟ, ହେଲେ ରାଜ୍ୟ ସରକାର ତ ସରକାରୀକୃତ ବିପର୍ଯ୍ୟୟ ଧାନ ମଣ୍ଡିରେ କରୁଛନ୍ତି**
- **ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନଭେମ୍ବର ୧୫ ତାରିଖରେ ମରୁଡି ପ୍ରପିଡିତ ୯ଟି ଜିଲ୍ଲା ପାଇଁ କ୍ଷତିପୂରଣ ଘୋଷଣା ସତ୍ୱେ ବର୍ତମାନ ସୁଦ୍ଧା ଟଙ୍କାଟିଏ ଦିଆଯାଇନାହିଁ**

**ଭୁବନେଶ୍ୱର, ତା,୧୯/୧୨:** ବାତ୍ୟା 'ପେଥାଇ' ପ୍ରଭାବରେ ଲଘୁଚାପ ବର୍ଷା କାରଣରୁ ରାଜ୍ୟର ଅଧିକାଂଶ ଜିଲ୍ଲାରେ ବର୍ଷା ହେଲା । ଏହି ଅଦିନିଆ ବର୍ଷା କାରଣରୁ ବହୁ ଶସ୍ୟ ଅମଳ ନଷ୍ଟ ମଧ ହୋଇଗଲା । କେବଳ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇ ଚୁପ୍ ହୋଇ ବସି ରହିଲେ ରାଜ୍ୟ ସରକାର । ଚାଷ ଏବଂ ଚାଷୀକୁଳର ଏଭଳି ସ୍ଥିତି ସୃଷ୍ଟି ହେବାର ଆଶଙ୍କା ଥିବା ସତ୍ୱେ ରାଜ୍ୟ ସରକାର କୌଣସି ଦୃଢ ପଦକ୍ଷେପ ଗ୍ରହଣ କଲେ ନାହିଁ । ଏହି କାରଣରୁ ଆଜି ଅଜସ୍ର ମାତ୍ରାରେ ଅମଳ ହୋଇଥିବା ଶସ୍ୟ ବର୍ଷା ପାଣିରେ ନଷ୍ଟ ହୋଇଗଲା । ଧାର, କରଜ, ଋଣ କରି ଚାଷ କରିଥିବା ଚାଷୀକୁଳ ପୁଣି ଥରେ ଋଣ ବୋଝରେ ଚାପି ହୋଇ ରହିଗଲା । ନିକଟ ଅତୀତରେ 'ତିତିଲି' ବାତ୍ୟା କାରଣରୁ ପ୍ରଭାବିତ ହୋଇଥିବା ଚାଷୀର ଅଂଟା ସଳଖି ନଥିବାବେଳେ ଆଜିର ଏହି ଅଦିନିଆ ବର୍ଷା ପୁଣି ଥରେ ଦୁର୍ଦ୍ଦିନ ଭିତରକୁ ଠେଲି ଦେଇଛି । ବର୍ତମାନ ସୁଦ୍ଧା 'ତିତିଲି' ବାତ୍ୟା କ୍ଷତିପୁରଣ ପାଇନଥିବା ଚାଷୀ ଆଜି ପୁଣି ଥରେ ରାଜ୍ୟ ସରକାରଙ୍କ ଉପର ଠାଉରିଆ 'କ୍ଷୟକ୍ଷତି ଆକଳନ'ର ଶିକାର ହୋଇ ସର୍ବସ୍ୱାନ୍ତ ହେବେ ବୋଲି ରାଜ୍ୟ ଉପ ସଭାପତି ଶ୍ରୀ ସମୀର ମହାନ୍ତି କହିଛନ୍ତି ।

କେଉଁଠି ମଣ୍ଡିର ଅଭାବ ତ ଆଉ କେଉଁଠି ବର୍ତମାନ ସୁଦ୍ଧା ମଣ୍ଡି ଖୋଲାଯାଇନାହିଁ । କେଉଁଠି ଚାଷୀଟିଏ ନିଜ ଉପାର୍ଜିତ ଅମଳକୁ ନିଜ ଜମିରେ କିମ୍ବା ଖଳାରେ ରଖିବାକୁ ବାଧ ହୋଇଥିଲେ । ସମ୍ଭାବ୍ୟ 'ପେଥାଇ' ବାତ୍ୟାର କୁପ୍ରଭାବ ଜାଣି ସୁଦ୍ଧା ରାଜ୍ୟ ସରକାର ମଣ୍ଡିରେ ପଡି ରହିଥିବା ଅମଳକୁ କିଣିଲେ ନାହିଁ । ଏପରିକି ବିକ୍ରି ପାଇଁ ଆସି ଧାନ ମଣ୍ଡିରେ ପଡି ରହିଥିବା ଶସ୍ୟ ଅମଳକୁ ମଧ ରାଜ୍ୟ ସରକାର ବର୍ଷା ପାଣିର ଦାଉରୁ ବଂଚାଇବାରେ ଅକ୍ଷମ ହେଲେ । ମଣ୍ଡିରେ ପଲିଥିନ ନାହିଁ, ଧାନ ଭିଜୁଛି ବର୍ଷାରେ, ଏମଏସପି ୧୭୫୦ ମିଳିବା ବଦଳରେ ମିଳୁଛି ମାତ୍ର ୧୦୦୦ ରୁ ୧୨୦୦ ଟଙ୍କା । ଏ ସରକାର ଚାଷି ବିରୋଧୀ ସରକାର ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

ବର୍ତମାନ ନିଜ ଅପାରଗତା ଏବଂ ଅନ୍ତରିକତା ଅଭାବକୁ ଲୁଚାଇବାକୁ ଯାଇ କ୍ଷୟକ୍ଷତି ଆକଳନ କରିବାକୁ ଜିଲ୍ଲାପାଳଙ୍କୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କେବଳ ଲୋକ ଦେଖାଣିଆ ଏବଂ ସଂପୂର୍ଣ୍ଣ ଡ୍ରାମାବାଜି । ପିତେଇ ତ ଏକ ପ୍ରାକୃତିକ ବିପର୍ଯ୍ୟୟ । ହେଲେ ରାଜ୍ୟ ସରକାର ତ ସରକାରୀକୃତ ବିପର୍ଯ୍ୟୟ ଧାନ ମଣ୍ଡିରେ କରୁଛନ୍ତି ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

ନଭେମ୍ବର ୧୫ ତାରିଖରେ ମରୁଡି ପ୍ରପିଡିତ ୯ଟି ଜିଲ୍ଲା ପାଇଁ କ୍ଷତିପୂରଣ ନିଜେ ମୁଖ୍ୟମନ୍ତ୍ରୀ ଆସି ଗଣମାଧ୍ୟମ ଆଗରେ ଘୋଷଣା କରିଥିଲେ । ମାସେ ରୁ ଅଧୀକ ସମୟ ହୋଇଗଲାଣି ଏବେ ସୁଦ୍ଧା ଟଙ୍କାଟିଏ ମିଳିନାହିଁ । ରାଜ୍ୟର ଚାଷୀକୁଳ ହିତରେ ରାଜ୍ୟ ସରକାର ଯୁଦ୍ଧକାଳିନ ଭିତିରେ କ୍ଷୟକ୍ଷତିର ଆକଳନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୁରଣ ପ୍ରଦାନ କରିବାକୁ ଶ୍ରୀ ମହାନ୍ତି ଦାବୀ କରିଛନ୍ତି ।

**(ବିଜେପି ମିଡିଆ ସେଲ୍)**